**OFFICE OF THE TAHASILDAR, HINJILICUT, GANJAM**

Letter No. 4435 Date:- 27/09/22

## ସଂଶୋଧିତ ବିଜ୍ଞାପନ

ଏତ ଦ୍ୱାରା ସର୍ବସାଧାରଣଙ୍କ ଜଣାଇ ଦିଆଯାଉଛି ଯେ ଗଂଜାମ ଜ଼ିଲ୍ଲା ଅନ୍ତର୍ଗତ ହିଞ୍ଜିଳିକାଟୁ ତହସିଲରେ ୩ ଗୋଟି ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ନିଲାମ ନିମନ୍ତେ ଚିଠି ସଂଖ୍ୟା : ୪୧୪୩ ତା: ୦୮.୦୯.୨୦୨୨ ରେ ଦୁଇଗୋଟି ଖବର କାଗଜ ରେ ବିଜ୍ଞାପନ ପାଇଁ ପରିପ୍ରକାଶ ପାଇଁ ପ୍ରେରଣ କରାଯାଇଥିଲା ମାତ୍ର ବୈଷୟିକ ତ୍ରୁଟି ହେତୁ ତାହା ତା ୨୨.୦୯.୨୦୨୨ ରେ ଦୁଇଗୋଟି ଓଡ଼ିଆ ଦୈନିକ ଖବର କାଗଜ ଯଥା ନୀତିଦିନ ଓ ସମ୍ବାଦ ରେ ବିଜ୍ଞାପନ ପରିପ୍ରକାଶ କରାଯାଇଅଛି I

ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ ପୂର୍ବ ସୂଚିତ ତା ୨୬.୦୯.୨୦୨୨ ପରିବର୍ତ୍ତେ ତା ୧୪.୧୦.୨୦୨୨ ରିଖ ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ଆବେଦନ ପତ୍ର ଏଥି ନିମନ୍ତେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ ଅଥବା ସ୍ପୀଡ଼ ପୋଷ୍ଟ, ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ପ୍ରେରଣ କରିପାରିବେ। ଆବେଦନ ପତ୍ର ତହସିଲ କାର୍ଯ୍ୟାଳୟ ହିଞ୍ଜିଳିକାଟୁରେ ପହଞ୍ଚିବାର ଶେଷ ତାରିଖ ତା ୧୪.୧୦.୨୦୨୨ I ଉକ୍ତ ତାରିଖ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ I ପ୍ରକାଶ ଥାଉ କି ପ୍ରଥମ ପର୍ଯ୍ୟାୟ ପାଇଁ ତାରିଖ ୧୫.୧୦.୨୦୨୨ ରେ ଜଉମୁଦ ଖୋଲା ଯାଇ ନିଲାମ ନିମନ୍ତେ ଚୟନ କରାଯିବ I

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ନିଲାମ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହାହେଲେ ତାରିଖ ତା ୧୫.୧୦.୨୦୨୨ ରୁ ୨୧.୧୦.୨୦୨୨ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତି ମାନେ ଦରଖାସ୍ତ ଦାଖଲ କରିପାରିବ ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତି ରେ ତାରିଖ ୨୫.୧୦.୨୦୨୨ ଦିବା ୧୧.୦୦ ଘଂଟିକା ସମୟରେ ଜଉମୁଦ ଖୋଲାଯାଇ ନିଲାମ ନିମନ୍ତେ ଚୟନ କରାଯିବ ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଉତ୍ସ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟ ଥର ପାଇଁ ତା ୨୫.୧୦.୨୦୨୨ ରୁ ୦୨.୧୧.୨୦୨୨ ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷ ଉପସ୍ଥିତିରେ ତା ୦୩.୧୧.୨୦୨୨ ଦିବା ୧୧.00 ଘଂଟିକା ସମୟରେ ଜଉମୁଦ ଖୋଲାଯାଇ ନିଲାମ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କ ମନୋନୀତ କରାଯିବ।

ବି.ଦ୍ର: ଏହି ସୈରତ ଉତ୍ସ ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସୈରତ ଉତ୍ସର ପ୍ରକାର, ମୌଜା ର ନାମ,ପ୍ଲଟ ନମ୍ବର,ରକବା ଏବଂ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦିର ସୂଚନା ଗଂଜାମ ଜ଼ିଲ୍ଲା ୱେବସାଇଟ " http://ganjam.nic.in" Advertisement ଅଧୀନରେ ଉପଲବ୍ଧ I ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାର, ହିଞ୍ଜିଳିକାଟୁଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି I

ତହସିଲଦାର ହିଞ୍ଜିଳିକାଟୁ
ତା- ୨୩/୦୯/୨୨

